## ସଂକ୍ଷେପରେ

### ୩ ବାଲି ବୋଝେଇ ଟ୍ରାକ୍ଟର ଅଟକାଇଲେ ଗ୍ରାମବାସୀ

ପାଟଣା,୨୬।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ତହସିଲ ଟାଙ୍ଗରପଡ଼ା ଆରଆଇ ସର୍କଲ ବୈତରଣୀ ନଦୀର ଅଙ୍କୁରା ଘାଟରୁ ବେଆଇନ ବାଲି ଉତ୍ତୋଳନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ବାଲି ବୋଝେଇ ହୋଇଥିବା ୩ ଟ୍ରାକ୍ଟରକୁ ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ଶାନିବାର ପୂର୍ବାହ୍ନରେ ଅଙ୍କୁରା ଘାଟରେ ୩ ଟ୍ରାକ୍ଟର ବାଲି ବୋଝେଇ କରୁଥିଲେ। ଖବର ପାଇ ଶତାଧିକ ଗ୍ରାମବାସୀ ପହଞ୍ଚି ୩ ଟ୍ରାକ୍ଟରରୁ ବାଲି ଖାଲି କରି ନଦୀ ଗର୍ଭରୁ ବାହାର କରିଦେଇଥିଲେ। ତେବେ ରବିବାର ପୁଣି ଥରେ ଅଙ୍କୁରା ଘାଟର ଉପର ମୁଣ୍ଡରୁ ବାଲି ଉତ୍ତୋଳନ ହେଉଥିବା ଜାଣି ଗ୍ରାମବାସୀ ପହଞ୍ଚି ବନ୍ଦ କରିଥିଲେ। ବାଲିଚାଲାଣକାରୀଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସୂଚନାଯୋଗ୍ୟ, ୯ ଫେବୃୟାରୀ ଧରିତ୍ରୀରେ ନଦୀ ଗର୍ଭରେ କୃତ୍ରିମ ରାସ୍ତା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ୧୧ ଫେବୃୟାରୀରେ ରାଜସ୍ୱ ବିଭାଗ ତରଫରୁ ଚୋରା ବାଲିଚାଲାଣ ରୋକିବାକୁ ନଦୀର ପ୍ରବେଶ ପଥରେ ଟ୍ରେଞ୍ଚ ଖୋଳାଯାଇଥିଲା। ମାତ୍ର ବାଲିଚାଲାଣକାରୀ ଶନିବାର ଟ୍ରେଞ୍ଚ ପୋତି ବାଲି ଉତ୍ତୋଳନ କରୁଥିବା ବେଳେ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ।

### କନଷ୍ଟେବଲ ପରୀକ୍ଷା ଦେଲେ ୨୬୧ ଆଶାୟୀ

ପଦ୍ମପୁର,୨୬।୨(ଡି.ଏନ୍.ଏ.)-ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଇଚ୍ଛାପୁରସ୍ଥିତ କାର୍ମେଲ ସ୍କୁଲରେ ରବିବାର କଡ଼ା ସୁରକ୍ଷା ମଧ୍ୟରେ ୨୬୧ କନଷ୍ଟେବଲ ଆଶାୟୀ ଲିଖିତ ପରୀକ୍ଷା ଦେଇଛନ୍ତି। କେନ୍ଦ୍ରରେ ୨୮୮ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ୨୭ଜଣ ଅନୁପସ୍ଥିତ ଥିବା ସାବରଙ୍ଗ ଥାନାଧିକାରୀ ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି।

### ମଦ ଦୋକାନ ସ୍ଥାନାନ୍ତର ଦାବି

ଧୂଷୁରୀ, ୨୬।୨(ସ୍ୱ.ପ୍ର.)- ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ମାଗୁର ଗାଡ଼ିଆଠାରେ ଦୀର୍ଘଦିନ ଧରି ଏକ ଠିପି ଖୋଲା ମଦ ଦୋକାନ ଖୋଲାଯାଇଛି। ଏହି ମଦ ଦୋକାନ ସ୍ଥାନାନ୍ତର ପାଇଁ ଖପରପଦା ସରପଞ୍ଚଙ୍କ ସମେତ ମହିଳାମାନେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭଦ୍ରକ-ଆରଡ଼ି ମୁଖ୍ୟରାସ୍ତାର ମଙ୍ଗଳପୁରଠାରୁ ୫୦ ମିଟର ଦୂରରେ ଅସୁରାଳି ପଞ୍ଚାୟତ ଅଧୀନରେ ଉକ୍ତ ମଦ ଦୋକାନ ଥିବାବେଳେ ଭୁଲ୍‌ବଶତଃ ଖପରପଦାରେ ନିର୍ମାଣ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ପର୍ଯ୍ୟଟକ ଓ ଛାତ୍ରୀଛାତ୍ର ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ ମଦ ଦୋକାନ ଥିବାରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଭଙ୍ଗା ମଦ ବୋତଲ, ଗ୍ଲାସ ନିକଟସ୍ଥ ଚାଷଜମିରେ ପଡୁଥିବାରୁ ଚାଷୀମାନେ ଚାଷ କାର୍ଯ୍ୟରେ ହଇରାଣ ହେଉଛନ୍ତି। ମଦ ଦୋକାନ ତୁରନ୍ତ ସ୍ଥାନାନ୍ତର କରା ନ ଗଲେ ରାସ୍ତାରୋକୋ ସହ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଅନୁସୂୟା ସାହୁଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ମହିଳା ଚେତାବନୀ ଦେଇଛନ୍ତି।

### ୨ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ଗୁରୁତର



ଢେଙ୍କିକୋଟ,୨୬।୨(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ଜାତୀୟ ରାଜପଥ ଚିକିଣିଆଠାରେ ଦୁଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଟ୍ରକ୍ ଡ୍ରାଇଭର ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଜାତୀୟ ରାଜପଥ ଚିକିଣିଆ ନିକଟରେ ରାସ୍ତା କଡ଼ରେ ଏକ ଟ୍ରକ୍ ଛିଡ଼ା ହୋଇଥିଲା। ପଛ ପଟୁ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ଉକ୍ତ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଡ୍ରାଇଭର ଗାଡ଼ି ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ତାଙ୍କର ଡାହାଣ ଗୋଡ଼ଟି ଭାଙ୍ଗିଯାଇଥିବା ବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଢେଙ୍କିକୋଟ ପୋଲିସ ବିଟ୍ ହାଉସ ସବ୍‌ଇନ୍ସପେକ୍ଟର ତରଣୀସେନ ବାଗ ପହଞ୍ଚି ଘଟଗାଁ ଦମକଳ ବାହିନୀକୁ ଡାକିଥିଲେ। ଗ୍ୟାସ କଟର ସହାୟତାରେ ଟ୍ରକ ସମ୍ମୁଖକୁ କାଟି ଡ୍ରାଇଭରକୁ ଉଦ୍ଧାର କରାଯାଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଡ୍ରାଇଭର ପରିଚୟ ମିଳିପାରିନାହିଁ। ଏନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଛାତ୍ର ବୋହିଲେ ଜାଳେଣି କାଠ

ରୂପସା,୨୬।୨(ଡି.ଏନ.ଏ.)

ବିଦ୍ୟାଳୟରେ ସରକାରୀ ନିୟମକୁ ଉଲଂଘନ। ଶିକ୍ଷକ ଭୁଲିଗଲେ ସରକାରଙ୍କ କଟକଣା। ରୋଷେଇ ପାଇଁ ଛାତ୍ରମାନେ ବିଦ୍ୟାଳୟକୁ ବୋହୁଛନ୍ତି ଜାଳେଣି କାଠ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଡିମିଚା ସରକାରୀ ପ୍ରାଥମିକ ବିଦ୍ୟାଳୟରେ।

ଏହି ବିଦ୍ୟାଳୟରେ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ଅଛନ୍ତି। ଏଠାରେ ହଷ୍ଟେଲ ଖୋଲାଯାଇ ରାତିରେ ଛାତ୍ରୀଛାତ୍ର ରହି ପାଠ ପଢ଼ିବାର ବ୍ୟବସ୍ଥା ହୋଇଛି। ସରକାରୀ ନିୟମକୁ ଉଲଂଘନ କରି ଦାୟିତ୍ୱରେ ଥିବା ରୋଷେୟା ଏହି ବିଦ୍ୟାଳୟରେ ଦିନ ରାତି ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପରିସର ଅପରିଷ୍କାର ଓ ଅଳିଆ ଆବର୍ଜନମୟ ହୋଇ ଶୈକ୍ଷିକ ବାତାବରଣ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ରବିବାର ଛୁଟିଦିନ ସତ୍ତ୍ୱେ ହଷ୍ଟେଲରେ ଥିବା ଛାତ୍ରମାନଙ୍କୁ ଜାଳେଣି କାଠ ବୋହିବାରେ ନିୟୋଜିତ କରାଯାଇଥିବା ଦେଖି ଅବିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତଦନ୍ତ ପୂର୍ବକ ଶିକ୍ଷକ ଓ ରୋଷେୟାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଗଡ଼ପଦା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅନିଲ କୁମାର ପାତ୍ରଙ୍କୁ ପଚରାଯିବାରୁ ସେ ଅଭିଯୋଗ ସମ୍ପର୍କରେ ତଦନ୍ତ କରି ବିଭାଗୀୟ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଛାତ୍ରମାନେ କାଠ ବୋହୁଛନ୍ତି।

# ମାଦଳ ବାଦ୍ୟରେ ଦୁଲୁକିଲା ସହର

## କୁଡ଼ୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବିରେ ମହାସମାବେଶ




କୁଡ଼ୁମୀ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ଯାଉଛନ୍ତି।

ବାରିପଦା ଅଫିସ,୨୬।୨

କୁଡ଼ୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବିରେ ରବିବାର ବାରିପଦାସ୍ଥିତ ଛଉ ପଡ଼ିଆରେ କୁଡ଼ୁମୀ ଅଧିକାର ଓ ସାଂସ୍କୃତିକ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। କୁଡ଼ୁମୀ ସମ୍ପ୍ରଦାୟର ଅଧିକାର ପାଇଁ ଓଡ଼ିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ହାଜରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ।

ପାରମ୍ପାରିକ ନୃତ୍ୟ ଓ ମାଦଳରେ କୁଡ଼ୁମୀମାନେ ବାରିପଦାର ମଧୁବନଠାରୁ ଏକ ବିଶାଳ ରାଲିରେ ବାହାରି ବଜାର ପରିକ୍ରମା କରି ଛଉ ପଡ଼ିଆରେ ପହଞ୍ଚିଥିଲେ। ରାଜ୍ୟ ସଭାପତି ଅଧ୍ୟାପକ ଗୋପବନ୍ଧୁ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ରାଷ୍ଟ୍ରୀୟ କମିଟିର ସୁପ୍ରିମୋ ଅଜିତ ପ୍ରସାଦ ମାହାତ, ପ୍ରତିଷ୍ଠାତା ସଭାପତି ଡ. ହୃଦାନନ୍ଦ ମହାନ୍ତ, ଇଂ ପ୍ରଦୀପ ମହାନ୍ତ, ସମ୍ପାଦକ ବସନ୍ତ ମହାନ୍ତ, ଅବନୀ ମହାନ୍ତ, ଛୋଟେଲାଲ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କୁଡ଼ୁମୀ ଜାତିର ସଂସ୍କୃତିର ପ୍ରତିଷ୍ଠା ଓ ସାମ୍ବିଧାନିକ ଅଧିକାରକୁ ନେଇ ଦାବି ଉପସ୍ଥାପନା କରିଥିଲେ। କୁଡ଼ୁମୀ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି(ଏସ.ଟି) ତାଲିକାରେ ଅନ୍ତର୍ଭୁକ୍ତ କରିବା, କୁଡ଼ୁମୀ ଭାଷାକୁ ସ୍ୱୀକୃତି ଦେଇ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା, ଝୁମର ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏକ ଝୁମର ଏକାଡେମୀ ସ୍ଥାପନ, ଭୁବନେଶ୍ୱରଠାରେ କୁଡ଼ୁମୀ ଭବନ ନିର୍ମାଣ, କୁଡ଼ୁମୀଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା, କରମ, ବାନ୍ଦାଣ ଓ ମକର ପର୍ବକୁ ସରକାରୀ ଛୁଟି ଘୋଷଣା, କୁଡ଼ୁମାଲୀ ସଂସ୍କୃତିକୁ ସରକାରୀ ମାନ୍ୟତା ପ୍ରଦାନ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ମହାନ୍ତ, ପଦ୍ମଲୋଚନ ମହାନ୍ତ, ସତ୍ୟ ନାରାୟଣ ମହାନ୍ତ, ଅଶ୍ୱିନୀ ମହାନ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିବା ବେଳେ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।

### ତୀର୍ଥଯାତ୍ରୀ ବସ୍‌କୁ ଧକ୍କା ଦେଲା କଣ୍ଟେନର, ୩ ଆହତ

ରୂପ୍‌ସା,୨୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଗୁଡ଼ିଖାଳ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ପୁରୀରୁ ଚନ୍ଦନେଶ୍ୱର ଅଭିମୁଖେ ଯାଉଥିବା ଏକ ତୀର୍ଥଯାତ୍ରୀ ବସ୍ (ନଂ. ଓଡ଼ି୦୧ଏ-୨୦୫୫) ପଛପଟୁ ଏକ ମେଡିସିନ୍ ବୋଝେଇ କଣ୍ଟେନର (ନଂ. ଏମ୍‌ଏଚ୍‌୪୩ବିଏକ୍ସ-୮୬୧୩) ଧକ୍କା ଦେବା ଫଳରେ ୩ଜଣ ଯାତ୍ରୀ ଗୁରୁତର ହୋଇନ୍ତି। ଖବରପାଇ ଅମର୍ଦ୍ଦା ଫାଣ୍ଡି ଓ ବସ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତ ଯାତ୍ରୀଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଦୁର୍ଘଟଣାଗ୍ରସ୍ତ ଉଭୟ ବସ୍ ଓ କଣ୍ଟେନରକୁ ପୋଲିସ ହେପାଜତରେ ରଖାଯାଇଛି। ଉକ୍ତ ବସ୍‌ରେ ୪୮ଜଣ ତୀର୍ଥଯାତ୍ରୀ ଥିଲେ। ଗୁଡ଼ିଖାଳ ନିକଟରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବସ୍ ପଛପଟୁ କଣ୍ଟେନରଟି ଧକ୍କା ଦେଇଥିଲା।

### ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଗୋପବନ୍ଧୁ ନଗର, ୨୬।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଜୟପୁର ଦୋଳ ମଣ୍ଡପଠାରେ ରବିବାର ଅପରାହ୍ନରେ ଜୟପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୋମନାଥ କରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ହୀରେନ ରାୟ ୨୦୨୨ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବରିଷ୍ଠ ନାଗରିକ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ସଦାନନ୍ଦ ପୁଥାଳ, ପ୍ରସନ୍ନ ବାରିକ, ଚୌଧୁରୀ ସିଂ, ପ୍ରଦୀପ ରାଜ, ପ୍ରଫୁଲ୍ଲ ନାୟକ, ବରଜୁ କୁମାର ରାଜ, କ୍ଷେତ୍ରମୋହନ ପରିଡ଼ା ପ୍ରମୁଖ ବୈଠକରେ ଯୋଗଦେଇ ସାମାଜିକ ସୁରକ୍ଷା, କର୍ତ୍ତବ୍ୟବୋଧ ଓ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ତେବେ ୨୦୨୦ରୁ ଏହି ମଞ୍ଚ ବିଭିନ୍ନ ସଙ୍ଗଠନ ସହ କାର୍ଯ୍ୟ କରିଆସୁଛି।

# କ୍ରିକେଟ ଖେଳକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

ପଦ୍ମପୁର,୨୬।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମରେ କ୍ରିକେଟ ଖେଳକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଯୁବକ ଜଣକ ହେଲେ ଗ୍ରାମର ସିଦ୍ଧାର୍ଥ ରାଉତ(୨୦)। ଗତ ୨୪ ତାରିଖରେ ଏହି ଘଟଣା ଘଟିଛି। ଗ୍ରାମର କେତେଜଣ ଯୁବକ ମିଶି କ୍ରିକେଟ ଖେଳୁଥିଲେ। ଖେଳରେ ହାର୍‌ଜିତ୍‌କୁ ନେଇ ଉଭୟପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅପରପକ୍ଷର ଯୁବକମାନେ ସିଦ୍ଧାର୍ଥଙ୍କୁ ଏକ ଖୁଣ୍ଟରେ ବାନ୍ଧି ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରବିବାର ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଏନେଇ ଶନିବାର ସିଦ୍ଧାର୍ଥଙ୍କ ମା’ ସଂଯୁକ୍ତା ରାଉତଙ୍କ ଲିଖିତ ଅଭିଯୋଗ



ଡାକ୍ତରଖାନାରେ ଚିକିତ୍ସାଧୀନ ଯୁବକ।

### ୫ ଜଣଙ୍କ ନାଁରେ ମାମଲା

କ୍ରମେ ନାୟକାଣିଡିହୀ ଥାନାରେ ୫ଜଣଙ୍କ ନାଁରେ ଏକ ମାମଲା (ନଂ.୪୧/୨୩) ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ ପ୍ରଭାସିନୀ ମହାପାତ୍ର ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସିଦ୍ଧାର୍ଥଙ୍କ ପରିବାର ପକ୍ଷରୁ ଅଭିଯୋଗ ହେଉଛି। ଏନେଇ ତଦନ୍ତକାରୀ ଅଧିକାରୀ ମହାପାତ୍ରଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଏଥର ୭ଦିନ ଶ୍ରୀରାମ ନବମୀ ମହୋତ୍ସବ

### ୧୨ରେ ମାତୃଭୂମି ପାଇଁ ଗଣଦୌଡ଼

ଭଦ୍ରକ ଅଫିସ, ୨୬।୨

ଚଳିତବର୍ଷ ଶ୍ରୀରାମ ନବମୀ ମହୋତ୍ସବ ମହାସମାରୋହରେ ପାଳନ ହେବ। ପ୍ରତିବର୍ଷ ଏହି ମହୋତ୍ସବ ୩ଦିନ ଧରି ପାଳନ ହେଉଥିବା ବେଳେ ଏଥର ୭ଦିନ ଚାଲିବ ବୋଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରବିବାର ଆହୁତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଭଦ୍ରକର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ସମିତିର ଉପଦେଷ୍ଟା ମନମୋହନ ସାମଲ ଯୋଗଦେଇ କହିଥିଲେ, ଚଳିତବର୍ଷ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଆସନ୍ତା ମାର୍ଚ୍ଚ ୧୨ରେ ମାତୃଭୂମି ପାଇଁ ଗଣଦୌଡ଼, ୨୨ରେ ରାଷ୍ଟ୍ରୀୟ ନବବର୍ଷ ପାଳନ ସହ ଗୋ ପୂଜନ ଓ ସାଧୁସନ୍ଥ ପୂଜନ କରାଯିବ। ୨୬ରେ ଛୋଟ ପିଲାମାନଙ୍କୁ ନେଇ ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା ଓ ୨୮ରେ ମହିଳା କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ବିରଜା କ୍ଷେତ୍ର, ଆରଡ଼ି ଆଖଣ୍ଡଳମଣି ଓ ଭଦ୍ରକାଳୀଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇ ମହାଯଜ୍ଞ ଆରମ୍ଭ ହେବ।

ତେବେ ମାର୍ଚ୍ଚ ୨୪ରୁ ୩୦ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଗାନ୍ଧୀପଡ଼ିଆରେ ମୀନାବଜାର ଓ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୩୦ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ଓ ଶତାଧିକ ସୁସଜ୍ଜିତ ମେଢ଼କୁ ନେଇ ବିଶାଳ ଶୋଭାଯାତ୍ରାରେ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହେବ। ମହାଯଜ୍ଞ ସମିତିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଡିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ଦୀନବନ୍ଧୁ ପତି ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଶ୍ରୀରାମ ମହାଯଜ୍ଞ ସମିତି କର୍ମକର୍ତ୍ତା।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@କଳ୍ପନା



@ଶୁଭାଶିଷ



@ଅଭୟ



@ଶଶିକାନ୍ତ



@ଚିତ୍ତରଞ୍ଜନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# ଜଳୁଛି ଖଜୁରୀଡ଼ିହା, ତିଣ୍ଡା ଗ୍ରାମ୍ୟ ଜଙ୍ଗଲ



### ଦୁର୍ବୃତ୍ତଙ୍କ ଟେର୍ ପାଉନି ବନବିଭାଗ

ପାଟଣା,୨୬।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଦୈନିକ ନିଆଁ ଲାଗି ଜଙ୍ଗଲ ଜଳୁଥିଲେ ହେଁ ବନ ବିଭାଗ ଦୁର୍ବୃତ୍ତଙ୍କ ଟେର୍ ପାଉନାହିଁ। ବିଭାଗର ନିଷ୍କ୍ରିୟତାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଶନିବାର ବିଳମ୍ବିତ ରାତିରେ ପୁଣି ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଖଜୁରୀଡ଼ିହା ଗ୍ରାମ୍ୟ ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ଆହରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭାଇଥିଲା। ରବିବାର ଅପରାହ୍ନରେ ମଧ ଖିରେଇଟାଙ୍ଗିରୀ ସେକ୍ସନର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ତିଣ୍ଡା ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗି ଆକାଶିଆ, ଶାଗୁଆନ, ଚାକୁଣ୍ଡା ଗଛ ନଷ୍ଟ ହୋଇଯାଇଛି। ଯମୁନାପଶି ଗ୍ରାମର ବୈକୁଣ୍ଠ ମହାରଣାଙ୍କ ୫ ଏକର ପରିମିତ ଆକାଶିଆ ଜଙ୍ଗଲ, ରାଜନଗର ମଠ ନିକଟରେ ଥିବା ଶାଗୁଆନ, ଆକାଶିଆ ଜଙ୍ଗଲରେ ନିଆଁ ଲାଗିଥିଲା।

# ବିଶ୍ୱବିଦ୍ୟାଳୟ ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ

**ଭଦ୍ରକ ଅଫିସ,୨୬।୨:** ଭଦ୍ରକ କଲେଜ ଖେଳପଡ଼ିଆ ନିକଟସ୍ଥ ପ୍ରଜ୍ଞାପୀଠରେ ବିଦ୍ୟାର୍ଥୀ ବିକାଶ ମଞ୍ଚ ପକ୍ଷରୁ ଏକ ଆଦର୍ଶ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ବିଦ୍ୟାର୍ଥୀ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶନିବାର ଆୟୋଜିତ ଏହି ପାଠଚକ୍ରରେ ଉପଦେଷ୍ଟା ପ୍ରାଧ୍ୟାପକ ଲକ୍ଷ୍ମୀଧର ରାଉତ ଯୋଗଦେଇ ଯୁବପିଢ଼ି ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପାଠଚକ୍ର ପରେ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ନିମନ୍ତେ ଦସ୍ତଖତ ସଂଗ୍ରହ ଅଭିଯାନ ଶୁଭାରମ୍ଭ କରାଯାଇଥିଲା। ଛାତ୍ର ପ୍ରତିନିଧି ଚନ୍ଦ୍ରମଣି ଜେନା, ଅମିତ କୁମାର ଜେନା, ମୋନାଲିସା ପଣ୍ଡା, ଶୁଭଦର୍ଶିନୀ ନାୟକଙ୍କ ସମେତ ବହୁ ଛାତ୍ରୀଛାତ୍ର ଏହି ଅଭିଯାନରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବ୍ଲକ କାର୍ଯ୍ୟାଳୟରେ ପଶି ବିଡିଓଙ୍କୁ ଧମକ

ବାହାନଗା,୨୬।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ କାର୍ଯ୍ୟାଳୟରେ ପଶି ଜଣେ ପୂର୍ବତନ ସମିତିସଭ୍ୟ କାର୍ଯ୍ୟରତ ବିଡିଓଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୧୯/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୨୩ ତାରିଖରେ ଗୋପାଳପୁର ଥାନା ଅଧୀନ ସାହାସପୁରା ଗ୍ରାମର ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ପଣ୍ଡା ବ୍ଲକ କାର୍ଯ୍ୟାଳୟରେ ପଶି ଧମକ ଦେଇଥିବା ନେଇ ବିଡିଓ ଗୌରାଙ୍ଗ ଚରଣ ଘୋଷ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

### ବ୍ଲାକ୍‌କୋବ୍ରା ଚାମ୍ପିୟନ

#### ଆୟୁଷ୍ମାନ ଫାଉଣ୍ଡେସନ କ୍ରିକେଟ ଲିଗ୍

ଖଇରା,୨୬।୨(ଡି.ଏନ.ଏ.)- ଆୟୁଷ୍ମାନ ଫାଉଣ୍ଡେସନ ଓ ଯୁବଜ୍ୟୋତି ୟୁଥ କ୍ଲବ ମିଳିତ ସହଯୋଗରେ ବାଲେଶ୍ୱର ଜିଲା ଖଇରା ବ୍ଲକ ବଡନୂଆଗାଁ ପଞ୍ଚାୟତ ସଇଁ ଖେଳପଡ଼ିଆରେ ୨ଦିନ ଧରି ଚାଲିଥିବା କ୍ରିକେଟ ଲିଗ୍ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଶାଳଗଡ଼ିଆର ବ୍ଲାକ୍ କୋବ୍ରା ଆଗରପଡାର ସାଇ ଇଲେଭେନକୁ ଭେଟିଥିଲା । ପ୍ରଥମେ ବ୍ୟାଟିଂ କରି ବ୍ଲାକ କୋବ୍ରା ୫ଓଭରରେ ୩ଉଇକେଟ ହରାଇ ୬୫ରନ ସଂଗ୍ରହ କରିଥିଲା । ଜବାବରେ ସାଇ ଇଲେଭେନ ୭ଉଇକେଟ ହରାଇ ମାତ୍ର ୪୦ରନ କରି ପରାଜୟ ବରଣ କରିଥିଲା । ବିଜୟ ଦାସ ଓ ବାପୁ ଦାସ ମ୍ୟାଚ ପରିଚାଳନା କରିଥିଲେ। ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ କଳା ସଂସ୍କୃତି ମାନବ ସମ୍ବଳ ବିଭାଗର ସମ୍ପାଦକ ଶଶିକୁମାର ସାହୁ ,ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ୩ନଂ. ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସ୍ଥାନୀୟ ସରପଞ୍ଚ ରିନାକ୍ଷୀଲତା ନାୟକ,ସିଆରପି ମିନତୀ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ସିଲ୍ଡ ପ୍ରଦାନ କରିଥିଲେ। ବିକାଶ ମହାନ୍ତି, ପୁନମ ଦତ୍ତ, ଅକ୍ଷୟ କୁମାର ସାମଲ, ସାଇସୁବ୍ରମନ୍ୟମ ବେଜ, ସୌମ୍ୟ ରଞ୍ଜନ ମହାପାତ୍ର, ହିମାଂଶୁ ମହଲା, ନରେଶ ରାଉତ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ଲକ୍‌ସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା

କେନ୍ଦୁଝର,୨୬।୨(ସ୍ୱ.ପ୍ର./ଡି.ଏନ୍.ଏ): ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ କେନ୍ଦୁଝର ଜିଲା ପ୍ରଶାସନ ମିଳିତ ସହଯୋଗରେ ଜିଲାର ସମସ୍ତ ବ୍ଲକ୍ ପରିସରରେ ନିଯୁକ୍ତି ପରାମର୍ଶ ମେଳା ୨୦୨୨-୨୩ ମାର୍ଚ୍ଚ ମାସରେ ଆୟୋଜନ କରାଯିବ। ବ୍ଲକ୍‌ରେ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟରେ ଆୟୋଜନ କରାଯିବାକୁ ଜିଲା ପ୍ରଶାସନ ଧାର୍ଯ୍ୟ କରିଛି। ମେଳା ୩ ମାର୍ଚ୍ଚରେ ସଦର ବ୍ଲକ୍, ୪ରେ ବାଂଶପାଳ, ୧୩ରେ ତେଲକୋଇ, ୧୪ରେ ଝୁମ୍ପୁରା, ୧୫ରେ ଚମ୍ପୁଆ, ୧୬ରେ ସାହାରପଡ଼ା, ୧୭ରେ ପାଟଣା, ୧୮ରେ ହରିଚନ୍ଦନପୁର, ୨୦ରେ ଘଟଗାଁ, ୨୧ରେ ଘସିପୁରା, ୨୨ରେ ଆନନ୍ଦପୁର, ୨୩ରେ ହାଟଡ଼ିହି ଓ ୨୪ ମାର୍ଚ୍ଚରେ ଯୋଡ଼ା ବ୍ଲକ୍‌ରେ ଅନୁଷ୍ଠିତ ହେବ। ମେଳାଗୁଡ଼ିକରେ ଜିଲାର ବେକାର ଯୁବତୀ, ଯୁବକମାନଙ୍କୁ ଚୟନ କରାଯାଇ ତାଲିମ ପ୍ରଦାନ ଓ ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବ୍ୟବସ୍ଥା କରାଯିବ। ତାଲିମ ସମୟରେ ମାଗଣାରେ ରହିବା, ଖାଇବା, ପିଇବା, ପୋଷାକ ପତ୍ର, ପଠନ ଉପକରଣ ଏବଂ ଟ୍ରେନିଂର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ମେଳାରେ ଜିଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳରେ ପଞ୍ଚମ ଶ୍ରେଣୀଠାରୁ ଯୁକ୍ତ ୩ ପାସ, ଆଇଟିଆଇ ଓ ଡିପ୍ଲୋମା ପର୍ଯ୍ୟନ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ବେକାର ଯୁବତୀ, ଯୁବକ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ସହିତ ଉକ୍ତ ମେଳାରେ ସକାଳ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଯୋଗଦେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଉକ୍ତ ମେଳାରେ ଜିଲା ଓ ରାଜ୍ୟରୁ ଦକ୍ଷତା ବୃଦ୍ଧି ତାଲିମ ଓ ନିଯୁକ୍ତି ପ୍ରଦାନ କରୁଥିବା କିଛି ଅନୁଷ୍ଠାନ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଯେଉଁ ପ୍ରାର୍ଥୀମାନେ ସରକାରୀ ଆଇଟିଆଇ, ଡିପ୍ଲୋମା ପାଠ୍ୟକ୍ରମ ଓ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୩ ଶିକ୍ଷାବର୍ଷ ପାଇଁ ନାମ ଲେଖାଇବା ପାଇଁ ଇଚ୍ଛୁକ, ସେହି ପ୍ରାର୍ଥୀମାନେ କିମ୍ବା ତାଙ୍କ ଅଭିଭାବକମାନେ କାର୍ଯ୍ୟକ୍ରମରେ ଆବେଦନପତ୍ର ଦାଖଲ କରିପାରିବେ ବୋଲି କୁହାଯାଇଛି।

# ୪ ଡାକ୍ତରଙ୍କୁ ଦୈନିକ ୫୦୦ ରୋଗୀ

**ଜଳେଶ୍ୱର,୨୬।୨(ଡି.ଏନ୍.ଏ)**

ସମଗ୍ର ଉତ୍ତର ବାଲେଶ୍ୱରରେ ଜିକେ ଭଟ୍ଟର ଚିକିତ୍ସାଳୟ ଚିକିତ୍ସା କ୍ଷେତ୍ରରେ ରୋଗୀଙ୍କ ଭରସା ପାଲଟିଥିବା ବେଳେ ଡାକ୍ତର ଅଭାବ ପରିସ୍ଥିତିକୁ ଜଟିଳ କରୁଛି । ମାତ୍ର ୪ଜଣ ଡାକ୍ତର ଦୈନିକ ପ୍ରାୟ ୫୦୦ ରୋଗୀଙ୍କୁ ଚିକିତ୍ସା କରୁଥିବା ବେଳେ ଡାକ୍ତରଖାନାକୁ ମିଳୁଥିବା ଔଷଧ ମାସର ୨୦ ଦିନରେ ଶେଷ ହେଉଛି । ଫଳରେ ରୋଗୀଙ୍କ ପାଇଁ ୧୦ ଦିନର ଔଷଧ ନିଅଣ୍ଟ ପଡୁଥିବା ପରିଲକ୍ଷିତ ହେଉଛି ।

ରେଫେରାଲ ୟୁନିଟ୍ ଭାବେ ଜିକେ ଭଟ୍ଟର ଚିକିତ୍ସାଳୟ ବେଶ୍ ପରିଚିତ। ଜଳେଶ୍ୱର, ଭୋଗରାଇ, ରାଇବଣିଆ ଓ ପଶ୍ଚିମବଙ୍ଗର ବିଭିନ୍ନ ଡାକ୍ତରଖାନାରୁ ରୋଗୀଙ୍କୁ ଏଠାକୁ ପଠାଯାଇଥାଏ । ଏହି କ୍ରମରେ ସ୍ତ୍ରୀରୋଗ, ଶିଶୁ ରୋଗ, ଭେଷଜ ବିଭାଗ, ଶଲ୍ୟ ବିଭାଗ, ଦାନ୍ତ ରୋଗ, ଅସ୍ଥିଶଲ୍ୟ ବିଭାଗର ପ୍ରାୟ ୫୦୦ ରୋଗୀ ପ୍ରତିଦିନ ଆଉଟଡୋର (ବର୍ହିବିଭାଗରେ) ଚିକିତ୍ସିତ ହେଉଛନ୍ତି । ପୂର୍ବରୁ ଏଠାରେ ୧୩ଜଣ ଡାକ୍ତର ରହୁଥିବା ବେଳେ ଏବେ ୨୪ ଘଣ୍ଟାରେ ୪ଜଣ ଡାକ୍ତର ସେବା ଯୋଗାଉଛନ୍ତି । ଡେପୁଟେସନ୍‌ରେ ଆସୁଥିବା ୩ ଡାକ୍ତର ସପ୍ତାହକୁ ୨ ଦିନ ଲେଖାଏ କାର୍ଯ୍ୟ କରୁଛନ୍ତି। ଏଠାରେ ୧୬ଜଣ ନର୍ସ ରହିବାକୁ ଥିବା ବେଳେ ଏବେ ୧୨ଜଣ ରହିଛନ୍ତି । ସେଥିରୁ ୩ଜଣଙ୍କୁ ୩ଟି ସବ୍ ସେଣ୍ଟରକୁ ପଠାଯାଇଥିବାରୁ ମାତ୍ର ୯ଜଣରେ ଡାକ୍ତରଖାନା ଚଳାଇବା କଷ୍ଟସାଧ୍ୟ ବୋଲି ନର୍ସ ସଂଘ ପକ୍ଷରୁ କୁହାଯାଇଛି। ସେହିପରି ୮ଜଣ ଫାର୍ମାସିଷ୍ଟ ରହିବାକୁ ଥିବା ବେଳେ ୩ଜଣରେ ଡାକ୍ତରଖାନା ଚାଲିଛି। ହସ୍ପିଟାଲକୁ ମିଳଥିବା ଔଷଧ ମଧ୍ୟରୁ ବହୁ ଔଷଧ ପ୍ରଥମ ୨୦ ଦିନରେ ଶେଷ ହେଉଥିବାରୁ ଅନ୍ୟ ୧୦ ଦିନ ପାଇଁ ସମସ୍ତ ଔଷଧ ଯୋଗାଯାଇପାରୁ ନାହିଁ। ୫ବର୍ଷ ପୂର୍ବରୁ ନିର୍ମିତ ହୋଇଥିବା ୫ ମହଲା ବିଶିଷ୍ଟ ମାତୃ ଓ ଶିଶୁ ମଙ୍ଗଳ ସେବାକେନ୍ଦ୍ର ଡାକ୍ତର ଓ କର୍ମଚାରୀ ଅଭାବରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ଶବ ବ୍ୟବଚ୍ଛେଦ, ଲିଫ୍ଟ ଚାଳନା, ଜରୁରୀ କାଳୀନ ସେବା ଯୋଗାଇବା ଅସମ୍ଭବ ହୋଇ ପଡ଼ିଛି । ୬୦ନଂ. ଜାତୀୟ ରାଜପଥ, ୫୭ନଂ. ରାଜ୍ୟ ରାଜପଥ ନିକଟରେ ଏହା ରହିଥିବାରୁ ପ୍ରତିଦିନ ପ୍ରାୟ ୪୫ ଆପତ୍ତକାଳୀନ ରୋଗୀ ଏଠାକୁ ଆସିଥାନ୍ତି । ହେଲ୍ପ ଡେସ୍କ କାର୍ଯ୍ୟକ୍ଷମ ହୋଇପାରୁନାହିଁ କି ରୋଗୀଙ୍କୁ ଗରମ ଦିନରେ ଥଣ୍ଡା ଓ ଥଣ୍ଡା ଦିନରେ ଗରମ ପାଣି ଯୋଗାଇ ଦିଆଯାଇପାରୁ ନାହିଁ। ଏପରି ଅବ୍ୟବସ୍ଥା ବିରୋଧରେ ବିଭିନ୍ନ ସଂଗଠନ ଆନ୍ଦୋଳନ ଲାଗି ସଜବାଜ ହେଉଥିବା ସୂଚନା ମିଳିଛି । ସ୍ୱାସ୍ଥ୍ୟ ବିଭାଗ ଏହି ଡାକ୍ତରଖାନାର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ସବୁ ରାଜନୈତିକ ଦଳ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଂଗଠନ ଓ ଜନସାଧାରଣ ଦାବି କରିଛନ୍ତି ।


ଜିକେ ଭଟ୍ଟର ଚିକିତ୍ସାଳୟ।

# ୪୪ ୟୁନିଟ୍ ରକ୍ତ ସଂଗ୍ରହ


ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

**ବାଲେଶ୍ୱର ଅଫିସ,୨୬।୨**

ବାଲେଶ୍ୱର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତର ଅଭାବକୁ ଆଖି ଆଗରେ ରଖି ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ର ନେତା ପୀତବାସ ମହାରଣାଙ୍କ ସହଯୋଗରେ ଓଡ଼ିଶା ମୋ ପରିବାର ଏବଂ ଗାଞ୍ଜିଆ ଯୁବକ ସଙ୍ଘ ସହଯୋଗରେ କୁଳିଗାଁ ପଞ୍ଚାୟତ ଗାଞ୍ଜିଆ ଗ୍ରାମର ଶିରୋମଣି ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଅନୁସୂଚିତ ଜାତି ସଭାପତି ଶତ୍ରୁଘ୍ନ ମଲ୍ଲିକ, ଛାତ୍ର ନେତା ଚନ୍ଦନ ମଲ୍ଲିକ, ରକ୍ତଭଣ୍ଡାର ମୁଖ୍ୟ ଡା. ବସନ୍ତ ଉପାଧ୍ୟାୟ, ପଞ୍ଚାୟତ ବିଜେଡି ସଭାପତି ଦିଲ୍ଲୀପ ଶତପଥୀ, ପ୍ରଧାନ ଶିକ୍ଷକ ଲମ୍ବୋଦର ହେମ୍ବ୍ରମ ଉପସ୍ଥିତ ଥିଲେ। ଛାତ୍ରନେତା ଆକାଶ ସାହୁ, ସୁଧାଂଶୁ ପାଢ଼ୀ, ପବିତ୍ର ବେହେରା, ଜଗଦୀଶ ପରିଡ଼ା, ରିଣ୍ଟୁ ସାହୁ, କାର୍ତ୍ତିକ ରାହୁଲ, ଚନ୍ଦନ ପରିଡ଼ା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମୟୂର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ


ଅତିଥିମାନେ ସଂଗଠନର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**ବୈଶିଙ୍ଗା,୨୬।୨(ଡି.ଏନ.ଏ)**

### ମୁଖପତ୍ର 'ବନ ମୟୂରୀ' ଉନ୍ମୋଚିତ

ମୟୂରଭଞ୍ଜ ଜିଲା ବେତନଟୀଠାରେ ସାହିତ୍ୟାନୁଷ୍ଠାନ ମୟୂର ସାହିତ୍ୟ ସଂସଦର ଅଷ୍ଟାବିଂଶତିତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖପତ୍ର 'ବନ ମୟୂରୀ' ଉନ୍ମୋଚନ ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀକୁ କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଉଦ୍‌ଘାଟନ କରିଥିବା ବେଳେ ପ୍ରଥମ ଅଧିବେଶନରେ ୨୫ ଜଣ କବି କବିତା ପାଠ କରିଥିଲେ। ଡଃ ମନ୍ଦାକିନୀ ସାହୁ ଓ ମିନତି ସିଂହ ସଂଯୋଜନା କରିଥିବା ବେଳେ କବି ପ୍ରଭାତ ଆଚାର୍ଯ୍ୟ, ସତ୍ୟବ୍ରତ ମିଶ୍ର ମଞ୍ଚାସୀନ ଥିଲେ। କବି ସହଦେବ ଗିରି, ରତିକାନ୍ତ ବେହେରା ସହଯୋଗ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ। ୨ୟ ଅଧିବେଶନରେ ସଂସଦର ସଭାପତି ଜୟନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପତ୍ରିକା ସମ୍ପାଦକ ନୀରଦ ସୁନ୍ଦର ଜେନା ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଯତୀନ୍ଦ୍ରନାଥ ସାହୁ ବିବରଣୀ ପାଠ କରିଥିଲେ। ଔପନ୍ୟାସିକ କୁଞ୍ଜବିହାରୀ ପାଢ଼ୀ, ପ୍ରାବନ୍ଧିକ ଭାସ୍କର ଚନ୍ଦ୍ର ଦ୍ୱିବେଦୀ ଓ ଲେଖକ ଯତୀନ୍ଦ୍ରନାଥ ସାହୁଙ୍କର ୩ ପୁସ୍ତିକା ଉନ୍ମୋଚନ ହୋଇଥିଲା। ମୁଖ୍ୟଅତିଥି ରୂପେ ସମ୍ପାଦିକା ଯୁଗଶ୍ରୀ ଯୁଗ ନାରୀ, ମୁଖ୍ୟବକ୍ତା ଭାବେ ବାରିପଦାର ପ୍ରତିଶ୍ରୁତି ଅନୁଷ୍ଠାନର ମୁଖ୍ୟ ଭାଗବତ ପଣ୍ଡା, ସମ୍ମାନିତ ଅତିଥି ଭାବେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରମାକାନ୍ତ ସିଂହ, ଇଂ ମନୋଜ ଦଳବେହେରା ଯୋଗଦେଇ 'ସାମ୍ପ୍ରତିକ ସମାଜରେ ସାହିତ୍ୟର ମୂଲ୍ୟବୋଧ' ଶୀର୍ଷକ ଆଲୋଚନା କରିଥିଲେ। ହରିହର ଦାସଙ୍କୁ ସାରସ୍ୱତ ସମ୍ମାନ, ବାସୁଦେବ ନାପିତଙ୍କୁ ମୟୂର ଶ୍ରୀ, ଅଜିତ ମିଶ୍ର, ଅନୁକୂଳ ପଟ୍ଟନାୟକଙ୍କୁ ଶିକ୍ଷା ସଂଗଠକ ଓ ସୁବାସିନୀ ଜେନାଙ୍କୁ ନାରୀଶ୍ରୀ ଏବଂ ଉପାସନା ସାହୁଙ୍କୁ ବନ ମୟୂରୀ ସମ୍ମାନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପର୍ଶୁରାମ ସାହୁଙ୍କ ଦ୍ୱାରା ଏକ ପୁସ୍ତକମେଳା ଆୟୋଜିତ ହୋଇଥିଲା। ଶେଷରେ ଅରୁଣ ଓତା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧିକାର ଲାଗି ଆନ୍ଦୋଳନକୁ ଓହ୍ଲାଇବ କାଳନ୍ଦୀ ସମାଜ

### ରାଜ୍ୟ କମିଟି ଗଠିତ

**ବାରିପଦା ଅଫିସ,୨୬।୨**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଡିପ୍ଲୋମା ଇଞ୍ଜିନିୟର କର୍ମଚାରୀ ଭବନ ପରିସରରେ ରବିବାର କାଳନ୍ଦୀ ସମାଜର ଏକ ବୈଠକ ଜିଲା ସଭାପତି କରମଚାନ୍ଦ କାଳନ୍ଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମଳେନ୍ଦ୍ର କାଳନ୍ଦୀ, ଉପଦେଷ୍ଟା ପାଗଲୁ ଘଡ଼େଇ, ମନ୍ମଥ କୁମାର ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନତାର ଅନେକ ବର୍ଷ ପରେ ମଧ୍ୟ କାଳନ୍ଦୀ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ପରି ଆଖିଦୃଶିଆ ଉନ୍ନତି ହୋଇପାରିଲା ନାହିଁ। ଆଜିର ଦିନରେ ମଧ୍ୟ ମୌଳିକ ଅଧିକାର ପ୍ରଦାନ ନେଇ ସରକାର ଅବହେଳା ପ୍ରଦର୍ଶନ କରୁଥିବା ବୈଠକରେ ମତପ୍ରକାଶ ପାଇଛି। କାଳନ୍ଦୀ ସମାଜର ଲୋକଙ୍କ ପ୍ରତିଷ୍ଠା, ରାଜନୈତିକ ଓ ସାମ୍ବିଧାନିକ ଅଧିକାର ହାସଲ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବା ସହ ସଚିବାଳୟ ଘେରାଉ କରାଯିବ ବୋଲି ଜିଲା ସଭାପତି କରମଚାନ୍ଦ କହିଛନ୍ତି।

ବୈଠକରେ କାଳନ୍ଦୀ ସମାଜର ରାଜ୍ୟ କମିଟି ଗଠିତ ହୋଇଛି। ସଭାପତି ଭାବେ ମନ୍ମଥ ଓ ସାଧାରଣ ସମ୍ପାଦକ ଭାବେ କରମଚାନ୍ଦଙ୍କ ନାମ ଘୋଷଣା କରାଯାଇଛି। ଏଥିସହ ଆଗାମୀ ଦିନରେ ପୂର୍ଣ୍ଣ ପରିବର୍ଦ୍ଧିତ କମିଟି ଗଠନ ହେବ ବୋଲି ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ଜିଲାର ଶତାଧିକ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ଧଡ଼ା, ମଙ୍ଗଳ ପ୍ରସାଦ କାଳନ୍ଦୀ, ମହେଶ୍ୱର କାଳନ୍ଦୀ, ବନମାଳୀ ଘଡ଼େଇ, ତପନ ତେଲେଙ୍ଗା, ସାଗର ଘଡ଼େଇ, ଦେବ ଧଡ଼ା ପ୍ରମୁଖ ସହଯୋଗ କରିଥିଲେ। ଆଗକୁ ସମ୍ପ୍ରଦାୟ ପକ୍ଷରୁ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

# ୨୮ରେ ଜିଲାପାଳଙ୍କ ଅଫିସ ଆଗରେ ଏଏପିର ଧାରଣା

**ଧାମନଗର,୨୬।୨(ଡି.ଏନ.ଏ.)**

ମିଶନ ଶକ୍ତିରେ କାମ କରୁଥିବା ସହାୟକ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବିରେ ଭଦ୍ରକ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୧ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭଦ୍ରକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯିବ। ଧାମନଗର ବ୍ଲକ ଦୋବଲ ହାଟ ପରିସରରେ ରବିବାର ଅପରାହ୍ନରେ ଆହୁତ ଏକ ଖବରଦାତା ସମ୍ମିଳନୀରେ ପାର୍ଟି ପକ୍ଷରୁ ଘୋଷଣା କରାଯାଇଛି। ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଏବଂ ଏଲ୍‌ଏସପିମାନଙ୍କର ଚାକିରିକୁ ସ୍ଥାୟୀ କରିବା ଏବଂ ଦରମା ବୃଦ୍ଧି ପାଇଁ ଆନ୍ଦୋଳନ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯିବ। ମିଶନ ଶକ୍ତିର ସହାୟକ କର୍ମଚାରୀମାନଙ୍କୁ ନ୍ୟାୟ ଦେବା ପାଇଁ ଧାରଣା ଦିଆଯିବ ବୋଲି ଏଏପିର ଜିଲା ସଭାପତି ଦେବାଶିଷ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ବ୍ଲକ ସଭାପତି ଅନିଲ ପୁହାଣ, ଜିଲା ଯୁବ ସଭାପତି ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଧାମନଗର ବ୍ଲକର ପ୍ରତି ପଞ୍ଚାୟତରୁ ୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଧାରଣାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଥିବା ପାର୍ଟି ପକ୍ଷରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ ଏଏପି କାର୍ଯ୍ୟକର୍ତ୍ତା।

# 'ବୃକ୍ଷଲତା ଆମର ପରମବନ୍ଧୁ'

**ରୂପ୍‌ସା,୨୬।୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କୃଷକ ଗୌରବ ମଧୁସୂଦନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟା ପ୍ରନିମା ଦାସ ଅଧ୍ୟକ୍ଷତା କରି ବୃକ୍ଷଲତା ଆମର ପରମ ବନ୍ଧୁ ବୋଲି ବକ୍ତବ୍ୟରେ କହିଥିଲେ। ଗୁରୁମା ଗୁରୁବାରୀ ମାଝି ଓ ବାସନ୍ତୀ ବେହେରା ଛାତ୍ରୀଛାତ୍ରଙ୍କୁ ପରିବେଶ ପରିଷ୍କାର ଓ ପରିଚ୍ଛନ୍ନ ରଖିଲେ ସୁସ୍ଥ ରହିବା ସହ ସୁସ୍ଥ ପରିବେଶ ଗଠନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମଧୁସୂଦନ ପଣ୍ଡା ଛାତ୍ରୀଛାତ୍ରଙ୍କୁ ବାଲ୍ୟକାଳରୁ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟୁଷା ପ୍ରିୟଦର୍ଶିନୀ ବେହେରା, ପୂର୍ଣ୍ଣିମା ବେହେରା, ରାଜକିଶୋର ପ୍ରଧାନ ପ୍ରମୁଖ ପରିବେଶ ସୁରକ୍ଷା ସଙ୍ଗୀତ ଗାନ କରିଥିଲେ। ଅର୍ପିତା ବେହେରା, ସବ୍ୟସାଚୀ ସିଂହବାବୁ, ପ୍ୟାଲିଶ୍ରୀ ରଣା, ସିଦ୍ଧ ସାଇକ୍ରିଷ୍ଣା ପ୍ରମୁଖ ପରିଚାଳନା କରିଥିଲେ। ବିକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ରାମଙ୍କ ଚରିତ୍ର ସମାଜକୁ ତ୍ୟାଗ ଓ ଭଲ ପାଇବାର ଦିଗ୍‌ଦର୍ଶନ ଦେଇଛି'

**ଚମ୍ପୁଆ,୨୬।୨(ଡି.ଏନ୍.ଏ):** କେନ୍ଦୁଝର ଜିଲା ଚମ୍ପୁଆ ନଗର ଭବନଠାରେ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ 'ରାମାୟଣ ମହାଭାରତରେ ସାମାଜିକ ଶକ୍ତିର ପ୍ରସାର' ଉପରେ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିପିନ ବିହାରୀ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ହାଇଦ୍ରାବାଦର ପ୍ରଫେସର ଡ. ଟି.ସାଇ ଚନ୍ଦ୍ରମଉଳି, ମୁଖ୍ୟ ବକ୍ତାଭାବେ ଖଲିକୋଟ ୟୁନିଭରସିଟିର ପ୍ରଫେସର ଡ. କାଳିକିଙ୍କର ପଟ୍ଟନାୟକ, ବିଜୟ ଦନ୍ତ, ସମ୍ମାନିତ ଅତିଥି ଭାବେ ଡ. ଅବନିକାନ୍ତ ଦାସ ଯୋଗଦେଇ ରାମାୟଣରେ ରାମଙ୍କ ଚରିତ୍ର, କର୍ତ୍ତବ୍ୟ, ତ୍ୟାଗ, ନିୟମ ଓ ଭଲ ପାଇବା ଆଦି ସମାଜକୁ ଦିଗଦର୍ଶନ ଦେଉଛି। ମହାଭାରତରେ ଧର୍ମ ଓ କର୍ମ ସେ ସମୟର ମଣିଷକୁ ଏକ ଡୋରରେ ବାନ୍ଧି ରଖିଥିବା ବେଳେ ସାମାଜିକ ଶକ୍ତି ଗୁଡ଼ିକ ଶୃଙ୍ଖଳିତ, ନ୍ୟାୟ ପରାୟଣ ଏବଂ କର୍ତ୍ତବ୍ୟ ନିଷ୍ଠ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଚନ୍ଦ୍ର ଶେଖର ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ସ୍ୱାଧୀନ ସିଂହ ପରିଚାଳନା କରିଥିଲେ।

# ନରେଶଙ୍କୁ ଗଦାଧର ପାଣି ସ୍ମୃତି ସମ୍ମାନ

**କେନ୍ଦୁଝର, ୨୬।୨(ଡି.ଏନ୍.ଏ)**

ଜିଲା ସାମ୍ବାଦିକ ସଂଘ କେନ୍ଦୁଝର ପକ୍ଷରୁ ସଂସ୍କୃତି ଭବନରେ ଅନୁଷ୍ଠିତ ଜିଲାସ୍ତରୀୟ ସମ୍ମିଳନୀ ଓ ଆଲୋଚନାଚକ୍ର ପାଳନ ଅବସରରେ ବରିଷ୍ଠ ଖବରଦାତା ନରେଶ ପଟ୍ଟନାୟକଙ୍କୁ ଗଦାଧର ପାଣି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ବନବାସୀମାନଙ୍କର ଚଳଣୀ, ପରମ୍ପରା, ଜୀବନଧାରଣ ତଥା ସେମାନଙ୍କ ସମସ୍ୟାର ସମାଧାନ, ପ୍ରକୃତି ପ୍ରତି ଶ୍ରଦ୍ଧାମୟ ଆକର୍ଷଣ ଆଦି ଦିଗରେ ଅନୁସନ୍ଧାନ ମୂଳକ ଆଲେଖ୍ୟ, ସାମାଜିକ ଦାୟିତ୍ୱବୋଧର ସ୍ୱତନ୍ତ୍ର ପ୍ରୟାସ ଏବଂ ସେମାନଙ୍କୁ ନ୍ୟାୟ, ସୁରକ୍ଷା ପ୍ରଦାନର ମାର୍ଗଦର୍ଶୀ ସ୍ୱର ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଦୀର୍ଘ ପ୍ରାୟ ୨୫ବର୍ଷ ଧରି ଗଣମାଧ୍ୟମ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଆସିଥିବା ପଟ୍ଟନାୟକ ଆଞ୍ଚଳିକ ଓ ଜାତୀୟସ୍ତରର ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରିଛନ୍ତି। ଦୈନିକ ଓଡ଼ଆ ଖବରକାଗଜ ଧରିତ୍ରୀରେ ଖବରଦାତା ଭାବେ କାର୍ଯ୍ୟରତ ଅଛନ୍ତି।


ଖବରଦାତା ନରେଶ ପଟ୍ଟନାୟକ ଅତିଥିଙ୍କ ନିକଟରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# 'କେନ୍ଦୁଝର ବିକାଶ ନିମନ୍ତେ ବୃହତ୍ ଇସ୍ପାତ ପ୍ରକଳ୍ପ ଅପରିହାର୍ଯ୍ୟ'

### ଜିଲା ସାମ୍ବାଦିକ ସଂଘର ଆଲୋଚନାଚକ୍ର

**କେନ୍ଦୁଝର,୨୬।୨(ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦୁଝର ଜିଲାରେ ବେକାରୀ ସମସ୍ୟାକୁ ଦୂର କରିବା ପାଇଁ ସମ୍ମିଳିତ ଉଦ୍ୟମ ସହ ନିଯୁକ୍ତି ଭିତ୍ତିକ ବୃହତ ଶିଳ୍ପ ସ୍ଥାପନାର ଆବଶ୍ୟକତା ରହିଛି। ଉଭୟ ସରକାରୀ ଓ ବେସରକାରୀସ୍ତରରେ ବ୍ୟାପକ ସଚେତନତା ସାଙ୍ଗକୁ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ଉଚିତ। କେନ୍ଦୁଝର ଜିଲାର ସର୍ବପୁରାତନ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ 'କେନ୍ଦୁଝର ଜିଲାରେ ବୃହତ ଶିଳ୍ପାୟନ' ସମ୍ପର୍କିତ ଆଲୋଚନାଚକ୍ରରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ମତବ୍ୟକ୍ତ କରିଥିଲେ।

ସଂଘ ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାୟକ ଯୋଗଦେଇ ସାମ୍ବାଦିକମାନେ ବୃହତ ଇସ୍ପାତ ପ୍ରକଳ୍ପ ପାଇଁ ଯେଉଁ ଆଲୋଚନାଚକ୍ର ଆୟୋଜନ କରିଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହାପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ କେନ୍ଦୁଝର ଜିଲାର ବୃହତ ଶିଳ୍ପ ପ୍ରତିଷ୍ଠାକୁ ନେଇ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ ବିଧାନସଭା ଭିତରେ ଓ ବାହାରେ ବୃହତ ଇସ୍ପାତ ପ୍ରକଳ୍ପ ପାଇଁ ସ୍ୱର ଉତ୍ତୋଳନ କରିବେ ବୋଲି ପ୍ରକାଶ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ନିଜ ବକ୍ତବ୍ୟରେ ରାଜ୍ୟରେ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ଉତ୍କଳ ସାମ୍ବାଦିକ ସଂଘ ନେଇଥିବା ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ଗଣମାଧ୍ୟମ ବ୍ୟକ୍ତିତ୍ୱ ଶ୍ରୀରାମ ଦାଶ ଓ ଇପ୍ସିତା ପ୍ରତିହାରୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଦୀପକ ମିଶ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ରାମନାରାୟଣ ଦ୍ୱିବେଦୀ, ସମ୍ପାଦକ ହିମାଂଶୁ କୁଅଁର, ସଂଘର ପୂର୍ବତନ ସଭାପତି ତଥା ଜିଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ଜିଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର ଓ ବରିଷ୍ଠ ସାମ୍ବାଦିକ ଶିରିଷ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମଦନ ପାଣଙ୍କୁ ବିମ୍ବାଧର ମିଶ୍ର ସ୍ମୃତି ସମ୍ମାନ, ମାନସ ମହାନ୍ତିଙ୍କୁ ଧିରେନ୍ଦ୍ର ରାଉତ ସ୍ମୃତି ପୁରସ୍କାର, ଗଜେନ୍ଦ୍ର ମାଝୀଙ୍କୁ ଶ୍ୟାମସୁନ୍ଦର ରାଉତ ସ୍ମୃତି ପୁରସ୍କାର, ମନୀନ୍ଦ୍ର ସୁନ୍ଦର ବାରିକଙ୍କୁ ନରେନ୍ଦ୍ର ମହାପାତ୍ର ସ୍ମୃତି ପୁରସ୍କାର, ସୁଧାଂଶୁ ଶେଖର ସାହୁଙ୍କୁ ଅକ୍ଷୟ ପାଢ଼ୀ ସ୍ମୃତି ପୁରସ୍କାର ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦୀପ ମହାନ୍ତି, ବସନ୍ତ ଗିରି, ଶରତ ଜେନା, ମଗନ ମଲ୍ଲିକ, ଯୁବ ସାମ୍ବାଦିକତା ପୁରସ୍କାର ପବିତ୍ର ବେହେରା, ରଶ୍ମିକାନ୍ତ ବେହେରା ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆନନ୍ଦପୁର ପ୍ରେସ କ୍ଲବ୍ ସଭାପତି ନରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### 'ଆମ ହସ୍ପିଟାଲ ଯୋଜନାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମିଲ କରାଯାଉ'

ବାଲିଆପାଳ,୨୬।୨(ସ୍ୱ.ପ୍ର)- ବାଲେଶ୍ୱର ଜିଲା ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ରବିବାର ଅପରାହ୍ଣରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରିବା ଦାବଇ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବାଲିଆପାଳ ମାଟିରେ ବିକାଶ ପଥରେ ନିର୍ବାଚିତ ପ୍ରତିନିଧିଙ୍କ ସହିତ ସରକାରଙ୍କ ବୈମାତୃକ ମନୋଭାବ ପୋଷଣକୁ ନିନ୍ଦା କରିବା ସହିତ ୫ ଦଫା ଦାବି ଉପସ୍ଥାପନ କରିଥିଲେ। ମନୋଜ କୁମାର ଜେନା, ଦେବାଶିଷ ପାତ୍ର, ସଦାଶିବ ସେଠୀ, ରିଙ୍କୁ ରଞ୍ଜନ କର, ଦୀପକ କୁମାର ଗିରି, ରାମଚନ୍ଦ୍ର ରାଉତ, ରଞ୍ଜନ ରଣା, ପିଣ୍ଟୁ କାମିଲା, ଜଗବନ୍ଧୁ ଜେନା, ବିକ୍ରମ ଦେ, ଦେବ ରଣଜିତ, କୁମାର କୃଷ୍ଣ ଦାସ ପ୍ରମୁଖ ବକ୍ତବ୍ୟ ମାଧମର ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରିବା, ଦକ୍ଷିଣ ବାଲିଆପାଳର ସୁଦୀର୍ଘ ଡଗରା ବେଳାଭୂମିରେ ପର୍ଯ୍ୟଟକଙ୍କ ନିରାପତ୍ତା ପାଇଁ ସାମୁଦ୍ରିକ ଥାନା ପ୍ରତିଷ୍ଠା, ବାଲିଆପାଳ ଅଞ୍ଚଳରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାଲି ଖାଦାନକୁ ନିଲାମ କରିବା, ଦୀର୍ଘ ଦିନରୁ ପ୍ରସ୍ତାବିତ ସବ୍‌ଟ୍ରେଜେରିକୁ ତୁରନ୍ତ ସ୍ଥାପନ କରିବା ସହିତ ବାଲିଆପାଳରେ ଏକ କୋର୍ଟ ସ୍ଥାପନ କରିବାର ଦାବି ଉପସ୍ଥାପନ କରିଥିଲେ। ଏହା ଆସନ୍ତା ମାର୍ଚ୍ଚ ୧୫ ତାରିଖ ମଧରେ କାର୍ଯ୍ୟକାରୀ କରା ନ ଗଲେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦେଇଛନ୍ତି।

### ମୌଳିକ ସୁବିଧାରୁ ବଞ୍ଚିତ ବିସ୍ଥାପିତ ବନବାସୀ

#### ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ଏସ୍‌ଡିସି ଅଧ୍ୟକ୍ଷଙ୍କୁ ଦାବିପତ୍ର

କେନ୍ଦୁଝର,୨୬।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ହଦଗଡ଼ ଡ୍ୟାମ ସମୟରେ ବିସ୍ଥାପିତ ହୋଇଥିବା ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଉକ୍ତ ଅଧିବାସୀମାନେ ହଦଗଡ଼ ଅଭୟାରଣ୍ୟ ମଧରେ ରହୁଥିବା ବେଳେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ରାଜସ୍ୱ ଗ୍ରାମ ମାନ୍ୟତା ଦାବି କରିଛନ୍ତି। ଏନେଇ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କଅଁଳେଇ ବାଲିପାଳ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପସି, ସରମୁଣ୍ଡି, କଅଁଳେଇ, ବାଲିପାଳ, ମୟୂରନଚା ଓ ଭଅଁରା ପୁରାତନ ବସତିର ଆଦିବାସୀମାନେ ସ୍ୱତନ୍ତ୍ର ଉନ୍ନୟନ କାଉନ୍‌ସିଲର ଅଧକ୍ଷ ପ୍ରଦୀପ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ହଦଗଡ଼ ଡ୍ୟାମ ନିର୍ମାଣ ସମୟରେ ବିସ୍ତାପିତ ହୋଇ ହଦଗଡ଼ ଅଭୟାରଣ୍ୟ ମଧରେ ବିଭିନ୍ନ ଜଙ୍ଗଲ/ପାହାଡ଼ ଅଞ୍ଚଳରେ ଉକ୍ତ ଗ୍ରାମର ଅଧିବାସୀମାନେ ବସବାସ କରିଆସୁଛନ୍ତି। ଜଙ୍ଗଲ ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳୁ ନ ଥିବାରୁ ରାସ୍ତାଘାଟ, ପାନୀୟଜଳ, ଆବାସ ଯୋଜନା, ଜମି ଉନ୍ନତି କରଣ, ବିଦ୍ୟୁତ କରଣ ଆଦି ଯୋଜନା ଲାଭ ପାଇପାରୁନାହାନ୍ତି। ଏ ନେଇ ଜିଲାପାଳଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଛନ୍ତି। ମାତ୍ର ଅଭୟାରଣ୍ୟର ଦ୍ୱାହି ଦେଇ ଅଞ୍ଚଳର ବିକାଶ କରାଯାଉନାହିଁ ବୋଲି ବୁଦ୍ଧିରାମ ପୂର୍ତ୍ତି, ପ୍ରଫୁଲ୍ଲ ନାଏକ, ପାଣ୍ଡବ ନାଏକ, ଶ୍ରୀରାମ ମାଏକ, ରଘୁନାଥ ନାଏକ, ପରମେଶ୍ୱର ପ୍ରଧାନ କହିଛନ୍ତି।

# ୮ ଶ୍ରେଣୀ ପାଇଁ ୪ ଶିକ୍ଷକ

## ଶିବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

### ନୂତନ ଶ୍ରେଣୀଗୃହ, ଶିକ୍ଷକ ଦାବି କଲେ ଗ୍ରାମବାସୀ, ଅଭିଭାବକ

ବାହାନଗା,୨୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତର ଶିବପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ବିଦ୍ୟାଳୟରେ ୮ ଶ୍ରେଣୀ ନିମନ୍ତେ ୪ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ାଉଛନ୍ତି। ଶ୍ରେଣୀଗୃହ ସମେତ ଆବଶ୍ୟକ ଶିକ୍ଷକ ନ ଥିବାରୁ ଗ୍ରାମବାସୀ ଓ ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଜଣେ ଶିକ୍ଷକଙ୍କୁ ସେଠାରେ ନିଯୁକ୍ତି କରାଯିବାର ପ୍ରତିଶ୍ରୁତି ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଶିବପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୩୨ରେ ପ୍ରତିଷ୍ଠା ହୋଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୭୫ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ୮ଶ୍ରେଣୀ ଓ ଏତେ ପିଲାଙ୍କ ପାଇଁ ମାତ୍ର ୪ଜଣ ଶିକ୍ଷକ ନିଯୁକ୍ତି ହୋଇ ପାଠ ପଢ଼ାଉଛନ୍ତି। ବିଦ୍ୟାଳୟରେ କିପରି ପାଠପଢ଼ା ହେଉଛି ତାହ ଏଥିରୁ ସ୍ପଷ୍ଟ ଅନୁମେୟ। ଉପଯୁକ୍ତ ଶ୍ରେଣୀଗୃହ ନ ଥିବା ବେଳେ ସେଥିମଧ୍ୟରୁ ବିଦ୍ୟାଳୟରେ ଗୋଷ୍ଠୀ ସାଧନା କେନ୍ଦ୍ରର ସେଣ୍ଟର ହୋଇଥିବାରୁ ସେହି ଦାୟିତ୍ୱରେ ଥିବା ଶିକ୍ଷକ ସିଆର୍‌ସିସି ହୋଇଥିବାରୁ ଆଉ ବିଦ୍ୟାଳୟକୁ ପାଠ ପଢ଼ାଇବାକୁ ଆସୁନାହାନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୪ରୁ ଏଠାରେ ନୂତନ କରି ୮ମ ଶ୍ରେଣୀ ଖୋଲାଯାଇଛି।

ମାତ୍ର ୮ଟି ଶ୍ରେଣୀରେ ୪୦ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ବିଦ୍ୟାଳୟରେ ମାତ୍ର ୪ଜଣ ଶିକ୍ଷକ ଅଛନ୍ତି । ଫଳରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କର ପାଠ ଠିକ୍ ଭାବେ ପଢ଼ାଯାଇପାରୁନାହିଁ। ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ପିଲାମାନେ ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ଚଳିତ ମାସ ୨୦ତାରିଖରେ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ଓ ଅବିଭାବକଙ୍କ ସମେତ ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ନାରାବାଜି ଦେବା ସହିତ କମିଟି ସଭାପତି ସୂର୍ଯ୍ୟକାନ୍ତ ବିନ୍ଧାଣି, ଉପସଭାପତି ରଶ୍ମିରେଖା ବିଶ୍ୱାଳ, ଆରତୀ ବିନ୍ଧାଣି, ତାପସରଞ୍ଜନ ରାଉତ, କମଳା ବିନ୍ଧାଣି, ସୁକାନ୍ତି ସାମଲ ଓ ଗୀତାରାଣୀ ବେହେରା ପ୍ରମୁଖ ଧାରଣାରେ ବସିଥିଲେ।

## ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକୋତ୍ସବ



ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

ଖଇରା,୨୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରାସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭ୍ୟ ସୁଦର୍ଶନ ମହାରଥୀଙ୍କ ଅଦ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ଇଣ୍ଡିଆନ ଏକ୍ସପ୍ରେସର ଖବରଦାତା ମନୋରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ସରପଞ୍ଚ ମାଳତୀଲତା ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମିତିସଭ୍ୟା ନର୍ମଦା ଦେଓ ସମ୍ମାନୀତ ଅତଥି ଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ପ୍ରଭାତ କୁମାର ଜେନାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ମଣିକିଙ୍କର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୫ମ ଶ୍ରେଣୀ ଓ ୬ଷ୍ଠ ଶ୍ରେଣି ବୃତ୍ତିଲାଭ କରିଥିବା ଜୟନ୍ତ କୁମାର ବେହେରା,ନବୋଦୟ ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଅଂଶୁମାନ ମାଝୀ,୩ୟ ଶ୍ରେଣି ବୃତ୍ତି ପାଇଥିବା ରାଜଲକ୍ଷ୍ମୀ ବେହେରା,ମେଡିକାଲ ଛାତ୍ର ଜ୍ୟୋତିରଞ୍ଜନ ଓ ରୋହିତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ଓ ଶାସ୍ତ୍ରୀୟ ନୃତ୍ୟ ଉପସ୍ଥିତ ଅବିଭାବକ,ଦର୍ଶକଙ୍କ ମନମୋହିଥିଲା ।

## 'ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ରହିଲେ ସଫଳତା ନିଶ୍ଚିତ'




ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଧାମନଗର,୨୬।୨(ସ୍ୱ.ପ୍ର.)

ଦୃଢ଼ ଇଚ୍ଛାଶକ୍ତି, ଏକାଗ୍ରତା ଓ ଆତ୍ମବିଶ୍ୱାସ ରହିଲେ ଛାତ୍ରୀଛାତ୍ର ନିଶ୍ଚିତ ଭାବେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ଧାମନଗର ଏନ୍‌ଏସି ଅଧୀନ ଶ୍ୟାମପୁର ଜୟନଗର ଛକସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଘଡ଼େଇଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ ସାଗରିକା ସେଠୀଙ୍କ ସଞ୍ଚାଳନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ମୁଖ୍ୟବକ୍ତା ଏନ୍‌ଏସି ଅଧକ୍ଷା ନିବେଦିତା ଜେନା ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ, ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ହରେକୃଷ୍ଣ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୨୬ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଘନଶ୍ୟାମ ମହାକୁଡ଼, ସଦାବ କାଦରୀ, ଅରୁଣ କୁମାର ବାରିକ, ଚନ୍ଦ୍ରକାନ୍ତ ପରିଡ଼ା, ଶିକ୍ଷୟିତ୍ରୀ ସ୍ନେହଲତା ବାରିକ, ଅନିତା ସାହୁ, ମମତାରାଣୀ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ତାରାଶୁଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ପଦ୍ମପୁର,୨୬।୨(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ପଞ୍ଚାୟତର କୋଦଣ୍ଡପୁରଠାରେ ଚାଲିଥିବା ମା' ତାରାଶୁଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ୨୩ ତାରିଖଠାରୁ ୧୦୮ କଳସ ଶୋଭାଯାତ୍ରା, ଯଜ୍ଞ ଓ ପୂଜାପାଠ ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ସିଟିଡିଏସ୍‌ପି ଅଶ୍ୱିନୀ କୁମାର ଦ୍ୱିବେଦୀ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ପ୍ରବଚକ ଜିତୁ ଦାସଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ମଳୟ କୁମାର ଜେନା, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ସରପଞ୍ଚ ମାଧବାନନ୍ଦ ଦାସ, ସମିତିସଭ୍ୟା ସୁକାନ୍ତି ନାୟକ ଓ ସାମାଜିକ କର୍ମୀ ଭ୍ରମରବର ନାୟକ ଯୋଗ ଦେଇଥିଲେ। ମନ୍ଦିର କମିଟି ସଭାପତି ସୁବ୍ରତ କୁମାର ନାୟକ, ସମ୍ପାଦକ ସନ୍ତୋଷ କୁମାର ନାୟକ, ସଭ୍ୟ ସୁଶାନ୍ତ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷାବିତ୍ ବାଦଲ କୁମାର ମହାପାତ୍ର। ମନ୍ଦିର ପ୍ରତିଷ୍ଠାରେ ସହଯୋଗ କରିଥିବା ୧୦ ସାମାଜିକ କର୍ମୀଙ୍କୁ ବିଧାୟକ ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ପରେ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା।

## ଜଗା ୟୁନାଇଟେଡ ଭୁବନେଶ୍ୱର ଚାମ୍ପିୟନ

### ରାଜ୍ୟସ୍ତରୀୟ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

ନୀଳଗିରି,୨୬।୨(ଡି.ଏନ.ଏ.)

ନୀଳଗିରି ଷ୍ଟାଡିୟମ ପରିସରରେ ସ୍ୱର୍ଣ୍ଣଚୂଡ଼ ଫୁଟବଲ ସଂଘ ପକ୍ଷରୁ ଏକ ଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ-୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟକୁ ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ ଉଦଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ଜଗା ୟୁନାଇଟେଡ଼ ଭୁବନେଶ୍ୱର ଓ କେନ୍ଦୁଝର ଏଫ୍‌ସି ମଧରେ ହୋଇଥିବା ବେଳେ ପେନାଲଟି ସଟ୍ ମଧରେ ଜଗା ୟୁନାଇଟେଡ ଭୁବନେଶ୍ୱର ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେମିଫାଇନାଲ ମ୍ୟାଚ୍‌କୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଖେଳାଳିଙ୍କ ସହ କରମର୍ଦ୍ଦନ କରି ଶୁଭାରମ୍ଭ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ସମ୍ମାନୀତ ଅତିଥିଭାବେ ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ୩ନଂ. କାଉନସିଲର ସତ୍ୟଭାମା ମୁଦୁଲି, ୬ନଂ. କାଉନସିଲର ପ୍ରତାପ ସେଠୀ, ୮ନଂ. କାଉନସିଲର ସୁଚିସ୍ମିତା ବେହେରା, ୧୧ନଂ. କାଉନସିଲର ସୁଲୋଚନା ଖଟୁଆ, ୧୩ନଂ. କାଉନସିଲର ରୀତାଞ୍ଜଳି ପ୍ରଧାନ, ରାମଚନ୍ଦ୍ର ଦାସ, ପୂର୍ବତନ ପୋଲିସ ଅଧିକାରୀ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଣ୍ଣଚୂଡ଼ ଫୁଟବଲ ସଂଘର ଆୟୋଜକ ଶରତ ଦାସ, ଉଦୟଜ୍ୟୋତି ମହାନ୍ତି, ବିଜୟ ଲେଙ୍କା, ସବ୍ୟସାଚୀ ମହାପାତ୍ରଙ୍କ ଉଦ୍ୟମରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା।

## 'କଳା, ସଂସ୍କୃତି ପ୍ରଚାରରେ ମହୋତ୍ସବ ପ୍ରମୁଖ ଭୂମିକା ନିର୍ବାହ କରୁଛି'



ମଞ୍ଚରେ ଉପସ୍ଥିତ ଅତିଥିମାନେ।

### ଆନନ୍ଦେଶ୍ୱରଙ୍କ ଜାଗର ମହୋତ୍ସବ ଉଦ୍‌ଯାପିତ

ପାଟଣା,୨୬।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ପୁରାତନ ଶୈବପୀଠ ଆନନ୍ଦେଶ୍ୱରଙ୍କ ପ୍ରସିଦ୍ଧ ଜାଗର ମହୋତ୍ସବ-୨୦୨୩ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ ମନ୍ଦିର କମିଟିର ଉପସଭାପତି ଅଜୟ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ୨୩ ନଂ. ଯୋନ ଜିଲାପରିଷଦ ସଭ୍ୟା ରୁନୁ ମହାନ୍ତ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ପାଟଣା ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ ପ୍ରମୁଖ ଯୋଗଦେଇ ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତର ବିକାଶ ଓ ପ୍ରସାରରେ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ଅରୁଣ ମିଶ୍ର, ଯୁଗଳ କିଶୋର ଦାଶ ଓ ସନାତନ ଦାଶ ପରିଚାଳନା କରିଥିଲେ। ରବିବାର ଉଦ୍‌ଯାପିତ ହୋଇଥିବା ବେଳେ ସୋମବାର ପାଟଣା ମାଟିର ପ୍ରତିଷ୍ଠିତ କଳାକାରଙ୍କୁ କଳା ପରିବେଷଣର ସୁଯୋଗ ପ୍ରଦାନ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି।

## ମୁକୁଳା ଟ୍ରାନ୍ସଫର୍ମର ଆଗରେ ନିର୍ମାଣ ହେଲା ସୁରକ୍ଷା ପାଚେରି

ଗୋପବନ୍ଧୁ ନଗର,୨୬।୨(ଡି.ଏନ.ଏ.)

ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମରର ସୁରକ୍ଷା ପାଚେରି ନିର୍ମାଣ ହୋଇଛି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଟ୍ରାନ୍ସଫର୍ମର ଆଗରେ କୌଣସି ସୁରକ୍ଷା ପାଚେରି ନ ଥିବାରୁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଥିଲା। ଟ୍ରାନ୍ସଫର୍ମରଟି ମୁକୁଳା ହୋଇ ପଡ଼ିଥିବା ବେଳେ ବ୍ଲକ କର୍ତ୍ତୃପକ୍ଷ କିମ୍ବା ବିଦ୍ୟୁତ୍ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଉ ନ ଥିଲେ।

## କରଞ୍ଜି ଗୁଣ୍ଡୁପୁରର ଗାନ୍ଧୀ ହରେକୃଷ୍ଣ ବାରିକଙ୍କ ପରଲୋକ

ଭଣ୍ଡାରିପୋଖରୀ/ଧୂଷୁରୀ,୨୬।୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଅବିଭକ୍ତ ଜଳମଣ୍ଡୁଆ ପଞ୍ଚାୟତ କରଞ୍ଜି ଗୁଣ୍ଡୁପୁର ଗ୍ରାମର ଗାନ୍ଧୀ କୁହାଯାଉଥିବା ହରେକୃଷ୍ଣ ବାରିକ (୯୦)ଙ୍କ ହୃଦ୍‌ଘାତରେ ଶନିବାର ରାତିରେ ପରଲୋକ ହୋଇଛି। ସେ ଏକାଧାରରେ ଜଣେ ସାମାଜିକ କର୍ମୀ, ରାଜନେତା, ସାହିତ୍ୟିକ ଓ କଳାକାର ସହ ଗାଁର ମଉଡ଼ମଣି ଥିଲେ। ଏହି ଅଞ୍ଚଳର ଉନ୍ନତିରେ ସେ ଥିଲେ କର୍ଣ୍ଣଧାର। ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ଜଳସେଚନ ଆଦି ମୌଳିକ ସୁବିଧା ପାଇଁ ଲଢ଼ି ଅଞ୍ଚଳବାସୀଙ୍କୁ ତା'ର ସ୍ୱାଦ ଚଖାଇଥିଲେ। ଏଣୁ ତାଙ୍କୁ ଏ ଅଞ୍ଚଳର ମୁକୁଟ ବିହୀନ ସମ୍ରାଟ ଗାନ୍ଧୀ କୁହାଯାଏ। ତାଙ୍କ ମୃତଶରୀରକୁ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ସାମାଜିକ କର୍ମୀ ମଦନ ମୋହନ ପଣ୍ଡା, ଶିକ୍ଷାବିତ୍, ଖବରଦାତା ଜଗନ୍ନାଥ ନାୟକ, ନାଟ୍ୟକାର ଅରୁଣ ବାରିକ, ସରପଞ୍ଚଙ୍କ ପ୍ରତିନିଧି ଜଗବନ୍ଧୁ ଦାସ, ଗୌରାଙ୍ଗ ଓଝା, ସମିତିସଭ୍ୟ ଜଗତ ଜୀବନ ବାରିକ, ସୁଶାନ୍ତ ରାଉତ, ଅଭିମନ୍ୟୁ ରାଉତ, ଭାସ୍କର ମୁଦୁଲି, ରମେଶ ସାହୁ, ଶିକ୍ଷାବିତ୍ ଡ. ପୁରୁଷୋତ୍ତମ ଧଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ହରେକୃଷ୍ଣ ବାରିକ।

# +୨ ପରୀକ୍ଷା ଦେବେ ୨୨, ୨୩୪ ପରୀକ୍ଷାର୍ଥୀ

### ପରୀକ୍ଷା ହଲ୍‌କୁ କର୍ମଚାରୀଙ୍କୁ ମୋବାଇଲ ମନା

ବାରିପଦା ଅଫିସ,୨୬।୨

ମୟୂରଭଞ୍ଜ ଜିଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପରୀକ୍ଷା ମାର୍ଚ୍ଚ ପହିଲାରୁ ଆରମ୍ଭ ହେବାକୁ ଯାଉଛି। ମାର୍ଚ୍ଚ ୧ରୁ ବିଜ୍ଞାନ, ୨ ରୁ କଳା, ବାଣିଜ୍ୟ ଏବଂ ୩ରୁ ଧନ୍ଦାମୂଳକ ପରୀକ୍ଷା ଅନୁଷ୍ଠିତ ହେବ। ଚଳିତ ବର୍ଷ ପରୀକ୍ଷାକୁ ମୁକ୍ତ, ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପରିଷଦ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରସ୍ତୁତି ଶେଷ ହୋଇଥିବା ବେଳେ ପ୍ରଶ୍ନପତ୍ର ଗୁଡ଼ିକ ୯ଟି ହବରେ କଡ଼ା ସୁରକ୍ଷା ବଳୟ ମଧରେ ଗଚ୍ଛିତ କରି ରଖାଯାଇଛି।

ବାରିପଦାସ୍ଥିତ ଉତ୍ତର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲାରେ ମୋଟ ୩୦୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିରେ ଥିବା ୬୮ହଜାର ୪୭ ଜଣ ପରୀକ୍ଷାର୍ଥୀ ୨୨୧ଟି କେନ୍ଦ୍ରରେ ପରୀକ୍ଷା ଦେବାର ବନ୍ଦୋବସ୍ତ କରାଯାଇଛି। ସେଥି ମଧରୁ ମୟୂରଭଞ୍ଜ ଜିଲାରେ ଥିବା ୯୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୨ ହଜାର ୨୩୪ ଜଣ ପରୀକ୍ଷାର୍ଥୀ ୭୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। କଳାରେ ୧୪ ହଜାର ୯୧୪ ଜଣ, ବିଜ୍ଞାନରେ ୫ ହଜାର ୫୦୫ ଜଣ, ବାଣିଜ୍ୟରେ ୧ ହଜାର ୧୦୪ ଜଣ ଓ ଧନ୍ଦାମୂଳକରେ ୭୧୧ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ବାରିପଦା ଭଞ୍ଜପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଦଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେତନଟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚିତ୍ରଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଝାରପୋଖରିଆ ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଯଶିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ରାଇରଙ୍ଗପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଶ୍ନପତ୍ର ଗୁଡ଼ିକ ଗଚ୍ଛିତ କରି ରଖାଯାଇଥିବା ଉତ୍ତରାଞ୍ଚଳ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଜୟଦେବ ପରମାଣିକ ପ୍ରକାଶ କରିଛନ୍ତି। ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବାରଣ କରାଯାଇଛି। ସୁପରିଟେଣ୍ଡେଣ୍ଟ କିମ୍ବା କୌଣସି କର୍ମଚାରୀ ମୋବାଇଲ ବ୍ୟବହାର ଉପରେ କଟକଣା କରାଯାଇଛି। କପି ରୋକିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି। ସେହିପରି ବାଲେଶ୍ୱର ଜିଲାର ୧୦୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୦ ହଜାର ୫୮୫ ଜଣ ୬୬ଟି ପରୀକ୍ଷାକେନ୍ଦ୍ରରେ, କେନ୍ଦୁଝର ଜିଲାର ୫୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୩ ହଜାର ୪୦୬ଜଣ ୪୫ଟି ପରୀକ୍ଷା କେନ୍ଦ୍ରରେ ଓ ଭଦ୍ରକ ଜିଲାର ୪୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୧ ହଜାର ୯୨୨ଜଣ ୩୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ସୂଚନା ପ୍ରଦାନ କରିଛନ୍ତି।

## ପାଟୋଡ଼ିଆ ହାଇସ୍କୁଲର ବାର୍ଷିକୋତ୍ସବ

ବନ୍ତ, ୨୬।୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଦୋଳପଦୀସ୍ଥିତ ଆନନ୍ଦରାମ ପାଟୋଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପ୍ରତିଷ୍ଠାତାଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ରାଜକିଶୋର ଆଚାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବିଡିଓ ପ୍ରଦୀପ କୁମାର ସେଠୀ, ସରପଞ୍ଚ ରଜନୀ ସେଠୀ, ସମିତିସଭ୍ୟ ଉଦ୍ଧବ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ସାହୁ, ସାହସପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଣବ କୁମାର ସାହୁ, ପୂର୍ବତନ ଅଫିସ ସହାୟକ ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ଅଶୋକ ମହାନ୍ତି ଓ ମୋହନ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ନାରାୟଣ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ବିଶ୍ୱରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ଲୁଟ ଅଭିଯୋଗରେ ୨ ଗିରଫ

ବାଲେଶ୍ୱର ଅଫିସ,୨୬।୨



ଗିରଫ ଲୁଟେରା ଦ୍ୱୟଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

ବାଲେଶ୍ୱର ସହରସ୍ଥିତ ବ୍ୟାଙ୍କରୁ ଟଙ୍କା ଉଠାଇ ଯାଉଥିବା ଲୋକଙ୍କଠାରୁ ଲୁଟ୍ ଅଭିଯୋଗରେ ୨ ଆନ୍ତଃଜିଲା ଲୁଟେରାଙ୍କୁ ପୋଲିସ ଗିରଫ କରିଛି। ସହଦେବଖୁଣ୍ଟା ମଡେଲ ଥାନା ପରିସରରେ ରବିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଏନେଇ ସୂଚନା ଦେଇଛନ୍ତି। ଗିରଫ ଲୁଟେରା ଦ୍ୱୟଙ୍କ ଘର ଗଞ୍ଜାମ ଜିଲା ପାକଲାପଲି ଓ କଳାସନ୍ଧରପୁର ଗ୍ରାମରେ। ସେମାନଙ୍କଠାରୁ ୧ଲକ୍ଷ ୮୮ହଜାର ଟଙ୍କା, ଗୋଟିଏ ବାଇକ୍ ଓ ଦୁଇଟି ମୋବାଇଲ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ବସ୍ତା ଥାନା ଅନ୍ତର୍ଗତ ଛାନୁଆ ଗ୍ରାମର ଦେବେନ୍ଦ୍ର ନାଥ ଜେନା ବାଲେଶ୍ୱର ୟୁକୋ ବ୍ୟାଙ୍କ ଏଟିଏମ୍‌ରୁ ଅପରାହ୍ଣ ୩ଟା ସମୟରେ ଟଙ୍କା ଉଠାଇ ଯାଉଥିବା ବେଳେ ଫାଣ୍ଡି ଛକସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥା (ଡିଆର୍‌ଡିଏ) ଅଫିସ୍ ନିକଟରୁ ଦୁର୍ବୃତ୍ତମାନେ ତାଙ୍କଠାରୁ ୧୦ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ସହଦେବଖୁଣ୍ଟା ମଡେଲ ଥାନାରେ ଏକ ମାମଲା (ନଂ.୫୨/୨୩) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଲୁଟେରାମାନଙ୍କୁ ଠାବ କରିଥିଲା। ୧୩ ତାରିଖ ଅପରାହ୍ଣରେ ସେମାନେ ବାଲେଶ୍ୱର ଏସ୍‌ବିଆଇ ନିକଟରୁ ଜଣେ ବ୍ୟକ୍ତିଙ୍କଠାରୁ ୪୮ହଜାର ଟଙ୍କା ଲୁଟ୍ କରିଥିଲେ। ଏନେଇ ବାଲେଶ୍ୱର ସଦର ଥାନାରେ ମାମଲା (ନଂ. ୪୧/୨୩) ରୁଜୁ ହୋଇଥିଲା। ସେହିପରି ୧୪ ତାରିଖରେ ବାଲେଶ୍ୱର ସହର ରାମେଶ୍ୱର ମନ୍ଦିର ନିକଟରୁ ଜଣେ ବ୍ୟକ୍ତିଙ୍କଠାରୁ ୫୦ହଜାର ଟଙ୍କା ଲୁଟ୍ କରିଥିବା ବେଳେ ସହଦେବଖୁଣ୍ଟା ଥାନା ମାମଲା (ନଂ. ୪୯/୨୩) ଏବଂ ୧୭ ତାରିଖ ଅପରାହ୍ଣ ୪ଟା ସମୟରେ ବାଲିଆପାଳ ଥାନା ଅନ୍ତର୍ଗତ ବାଲିଆପାଳ ମାର୍କେଟ୍‌ରୁ ଜଣେ ବ୍ୟକ୍ତିଙ୍କଠାରୁ ୮୦ହଜାର ଟଙ୍କା ଲୁଟ୍ କରିଥିଲେ। ଏନେଇ ବାଲିଆପାଳ ଥାନାରେ ମାମଲା (ନଂ. ୫୫/୨୩) ରୁଜୁ ହୋଇଥିବା ଏସ୍‌ପି ସୂଚନା ଦେଇଥିଲେ। ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଖବରଦାତା ସମ୍ମିଳନୀରେ ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ନାୟକଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

